### ଟ୍ରଷ୍ଟ ବୋର୍ଡ ଗଠନ ପ୍ରକ୍ରିୟାରେ ଅନିୟମିତତା

# ଦେବୋତ୍ତର ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ

ନିଶ୍ଚିନ୍ତକୋଇଲି, ୧୦।୪(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିଚାଳନା ପାଇଁ କଟକ ଜିଲ୍ଲା ଅତିରିକ୍ତ ସହକାରୀ ଦେବୋତ୍ତର ବିଭାଗ କମିସନରଙ୍କ ପକ୍ଷରୁ ଟ୍ରଷ୍ଟ ବୋର୍ଡ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି। ଦେବୋତ୍ତର ବିଭାଗର ମନମୁଖୀ କାର୍ଯ୍ୟକୁ ଜିଗ୍ନିପୁର ଗ୍ରାମବାସୀ, ଠାକୁରଙ୍କ ସେବାୟତ, ନାଜିମନ୍ତ, ପ୍ରଜା ଓ ଚାରିପଡ଼ାର ଜନସାଧାରଣ ତୀବ୍ର ବିରୋଧ କରି ଟ୍ରଷ୍ଟ ବୋର୍ଡ ସଠିକ୍ ପ୍ରକ୍ରିୟାରେ ଗଠନ କରିବା ପାଇଁ ବିଭାଗୀୟ କମିସନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଦୁଇ ମାସ ତଳେ ନୂତନ ଟ୍ରଷ୍ଟବୋର୍ଡ ଗଠନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏକ ସାଧାରଣ ବୈଠକ ଡକାଯାଇ ୧୩ ଜଣଙ୍କ ନାମକୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଟ୍ରଷ୍ଟ ବୋର୍ଡରେ ସମ୍ପୃକ୍ତି ହେବାକୁ ଥିବା ଏହି ୧୩ ଜଣଙ୍କ ବିରୋଧରେ ଯଦି



କିଛି ଆପତ୍ତି ଅଭିଯୋଗ ଥାଏ ସେ ନେଇ ଏକ ନୋଟିସ୍ ଜାହିର ହେବା କଥା; ହେଲେ ଦେବୋତ୍ତର ବିଭାଗ ଗତ ମାର୍ଚ୍ଚ ୩ ତାରିଖରେ ଏହି ୧୩ ଜଣଙ୍କ ମଧ୍ୟରୁ ତାଙ୍କ ମନମୁଖୀ ଭାବେ ଚାରିଜଣଙ୍କ ନାମକୁ ଏକ ତାଲିକା କରି ସେମାନଙ୍କ ସପକ୍ଷରେ ବା ବିପକ୍ଷରେ ଜନସାଧାରଣଙ୍କ ମତାମତ ଓ ଆପତ୍ତି ଅଭିଯୋଗ ନିମନ୍ତେ ଏକ ବିଜ୍ଞାପନ ଦେଇଛନ୍ତି। ନିୟମାନୁଯାୟୀ ଏହି ଆପତ୍ତି ଅଭିଯୋଗର ସମୟ ସୀମା ଏକ ମାସ ରହିଥିଲେ ମଧ୍ୟ ଦେବୋତ୍ତର



ବିଭାଗ ପକ୍ଷରୁ ଅତିରିକ୍ତ ସହକାରୀ ଦେବୋତ୍ତର କମିସନର ମାର୍ଚ୍ଚ ୧୨ତାରିଖରେ ବିଜ୍ଞାପନ ପତ୍ରରେ ଦସ୍ତଖତ କରିଥିଲା ବେଳେ ଏହାକୁ ମନ୍ଦିର କାନ୍ଥରେ ଏପ୍ରିଲ ୯ ତାରିଖରେ ଘୋଷଣା ପାଇଁ ଲଗାଇଥିଲେ। ଏହି ତ୍ରୁଟିପୂର୍ଣ୍ଣ ନୋଟିସକୁ ଦେଖିବା ପରେ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଏ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଦେବୋତ୍ତର ବିଭାଗ କାହା ପ୍ରରୋଚନାରେ ପଡ଼ି ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି ସେ ନେଇ ଆବଶ୍ୟକ ହେଲେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଅବଗତ କରାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଯେଉଁ ବିଜ୍ଞାପନ ପତ୍ରରେ ୧୩ ଜଣଙ୍କ ନାମ ରହିବା କଥା ସେଥିରେ କ'ଣ ପାଇଁ ୫ ଜଣଙ୍କ ନାମ ରଖାଯାଇ ଅନ୍ୟ ୮ ଜଣଙ୍କ ନାମଗୁଡ଼ିକୁ ବାଦ୍ ଦିଆଯାଇଛି ତାହାର ତଦନ୍ତ ପାଇଁ ମଧ୍ୟ ଦାବି କରିଛନ୍ତି। ଏହାଛଡ଼ା ଯେଉଁ ୫ ଜଣଙ୍କ ନାମ ବିଜ୍ଞାପନ ପତ୍ରରେ ଦିଆଯାଇଥିଲା ସେମାନଙ୍କ ସପକ୍ଷରେ ଓ ବିପକ୍ଷରେ ରହିଥିବା ବିଭିନ୍ନ ମତାମତ ଓ ଆପତ୍ତି ଅଭିଯୋଗପତ୍ର ମଧ୍ୟ ଅତିରିକ୍ତ ଦେବୋତ୍ତର ସହକାରୀ କମିସନରଙ୍କ ପାଖରେ ଦାଖଲ କରାଯାଇଛି। ଖୁବ୍ ଶୀଘ୍ର ଶ୍ରୀ ବଳଦେବଜୀଉଙ୍କ ସଠିକ୍ ନୀତିନିୟମାନୁଯାୟୀ ମନ୍ଦିର ପରିଚାଳନା ନିମନ୍ତେ ଟ୍ରଷ୍ଟ ବୋର୍ଡ ଗଠନ କରିବା ନିମନ୍ତେ ଏ ଅଞ୍ଚଳର ବାସିନ୍ଦା ଦାବି ମଧ୍ୟ କରିଛନ୍ତି।

## ବିପୁଳ ଦେଶୀ ମଦ ଜବତ; ୨ ଗିରଫ



ଚୌଦ୍ୱାର, ୧୦।୪(ସମିସ): ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୯୫ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଙ୍ଗୀ ଥାନା ଭଗତପୁରର ଦୀପକ ମଲ୍ଲିକ ଓ ମାଧପୁରର କାହ୍ନୁ ବେହେରା। ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଖବର ପାଇ ଇନସ୍ପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନସ୍ପେକ୍ଟର ଭକ୍ତବତ୍ସଳ ଜେନା, ଆଶୁତୋଷ ଜେନା ଓ ବାଳକୃଷ୍ଣ ବିଶ୍ୱାଳ ପ୍ରମୁଖଙ୍କ ଏକ ଟିମ୍ ଗୁରୁଜଙ୍ଗ, ମାଧପୁର, ଭଗତପୁର ଆଦି ଅଞ୍ଚଳରେ ଚଢ଼ଉ କରିଥିଲେ।

## ନୂଆପାଟଣା ଯୋଗ ଜିଲ୍ଲା ପ୍ରତିଷ୍ଠା ଦିବସ



ତିଗିରିଆ, ୧୦।୪(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ଶୁକ୍ରବାର ନୂଆପାଟଣା ଯୋଗ ଜିଲ୍ଲା ପକ୍ଷରୁ ୬୦ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ତିଗିରିଆ କ୍ଷେତ୍ର ପ୍ରଧାନ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ପ୍ରାନ୍ତ ପ୍ରଧାନ ସୁରେଶଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ସମସ୍ତ ସାଧକସାଧିକାଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା, ଓଁ ଧ୍ୱନୀ, ଗାୟତ୍ରୀ ମନ୍ତ୍ର ଭାବାର୍ଥ, ଜଡ଼ାସନ, କୋଣାସନ, ବକ୍ରାସନ, ଶବାସନ, ପ୍ରାଣାୟମ, ଧ୍ୟାନ, ପ୍ରାର୍ଥନା ଆୟୋଜନ କରାଯାଇଥିଲା। ଶିବିରରେ ଜିଲ୍ଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ମନ୍ତ୍ରୀ ମହେନ୍ଦ୍ର ସାହୁ, ସୁଶାନ୍ତ ଜୀ, ଗୀତାଞ୍ଜଳି ଜୀ, ବିଦ୍ୟାଧର ଜୀ, ଚନ୍ଦନ ଜୀ, ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସାଧକ, ସାଧିକା ଉପସ୍ଥିତ ଥିଲେ।

## ୨୦ କୋଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ




ମାହାଙ୍ଗା, ୧୦।୪(ସମିସ): ମାହାଙ୍ଗା ଅଞ୍ଚଳରେ ୨୦କୋଟି ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଏରକଣାଠାରୁ ପଞ୍ଚୁପାଣ୍ଡବ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ବୁଢ଼ାବନ୍ଧ ଗ୍ରାମ ଉନ୍ନୟନ ରାସ୍ତା ଓ ଅଲିଆରାଠାରୁ ଗୋକନ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ ହେବା ଦ୍ୱାରା ପୂର୍ବ ମାହାଙ୍ଗାର ସମସ୍ତ ଜନସାଧାରଭ ବ୍ଲକ, ତହସିଲ ଆଦି ମୁଖ୍ୟ କାର୍ଯ୍ୟାଳୟକୁ ଯାତାୟତ ସୁଗମ ହୋଇପାରିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସଡିଓ ଚିନ୍ମୟୀ ପଲେଇ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ଭକ୍ତ ଚରଣ ସ୍ୱାଇଁ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥୀ, ସମିତିସଭ୍ୟ ମନୋରଞ୍ଜନ ନାୟକ, ପ୍ରାକ୍ତନ ସରପଞ୍ଚ କିଶୋର ରାଉତ, ପ୍ରକାଶ ନାୟକ, ପ୍ରାକ୍ତନ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ରାଉତ, ଡ.ଏକାଦଶୀ ପ୍ରଧାନ, ଅଶୋକ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଅଭିନ୍ନ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ପନଗ ଭୂଷଣ ଦାସ, ଅରୁଣ ସେଠୀଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନରସିଂହପୁର ଓକିଲ ସଂଘ କର୍ମକର୍ତ୍ତା



ନରସିଂହପୁର, ୧୦।୪(ସମିସ): ନରସିଂହପୁରରେ ଏଡିଜେ କୋର୍ଟ ଖୋଲିବା ନେଇ ଶୁକ୍ରବାର ନରସିଂହପୁର ଓକିଲ ସଂଘର ଏକ ଟିମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ନରସିଂହପୁର ଓକିଲ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ସମ୍ପାଦକ ଗୋଲଖ ବିହାରୀ ସାହୁ, ଉପସଭାପତି ନରନାରାୟଣ ବାରିକ, ଆଇନଜୀବୀ ସରୋଜ ସାହୁ, ଜ୍ଞାନରଞ୍ଜନ ନାୟକ, ସରୋଜ ମହାରଣା, ଉମାକାନ୍ତ ପାଣିଗ୍ରାହୀ, ପୀତବାସ ମହାପାତ୍ର, ଆଲୋକ ଜେନା, ରଞ୍ଜନ ପ୍ରଧାନ, ସମୀର ଦଳେଇ, ରାକେଶ ରୋଶନ ସାହୁ, ଶରତ ଚନ୍ଦ୍ର ଖଟୁଆ ପ୍ରମୁଖ ନରସିଂହପୁର କୋର୍ଟ ପରିସରରେ ଏଡିଜେ କୋର୍ଟ କାର୍ଯ୍ୟକାରିତା ନେଇ ଆଲୋଚନା କରିବା ସହିତ ନରସିଂହପୁରକୁ ସବଡିଭିଜନର ମାନ୍ୟତା ପ୍ରଦାନ କରିବା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ।

## ନରସିଂହପୁରରେ ଆଠଦଣ୍ଡ ମେଳଣ ଉତ୍ସବ



**ହଜାର ହଜାର ଭକ୍ତଙ୍କ ସମାଗମ**

ନରସିଂହପୁର, ୧୦।୪(ସମିସ): ନରସିଂହପୁର ବ୍ଲକ ପାଇକପଡ଼ାପାଟଣା ଗ୍ରାମରେ ଗୁରୁବାର ଦିନ ପାରମ୍ପରିକ ଆଠଦଣ୍ଡ ମେଳଣ ଉତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭଜନ ମଣ୍ଡପରେ ଆୟୋଜିତ ଏହି ମହାସମ୍ମିଳନୀରେ ପ୍ରସିଦ୍ଧ ଆଠଶମ୍ଭୁ ଓ ମା' ଦକ୍ଷିଣକାଳୀଙ୍କ ସମେତ ସାତଟି ପ୍ରମୁଖ ଦଣ୍ଡ ଠାକୁରଙ୍କ ମହାନ ମିଳନ ଦେଖିବାକୁ ମିଳିଥିଲା। ଏହି ମେଳଣରେ ପାଇକପଡ଼ାପାଟଣାର ବେଳନାଥ, ବାସେଳହତାର ଭୋଳାନାଥ, ବାଲିଝରୀର ମା' କାଳିକା, ଚକ୍ରଗଡ଼ର ମା' ଦକ୍ଷିଣକାଳୀ, ବଡ଼ିଆ ଗ୍ରାମର ସୋମନାଥ, କୋକଲବା ଗୁପ୍ତେଶ୍ୱର, ରଣସିଂହପୁର ସ୍ଥିତ ଶଙ୍କର, ସରଧାପୁର ସୋମନାଥ ଏବଂ ଜଗନ୍ନାଥପ୍ରସାଦ ଗ୍ରାମର ସୋମନାଥଙ୍କ ସହିତ ସମ୍ପୃକ୍ତ ଦେବଦେବୀଙ୍କ ଅପୂର୍ବ ସମାଗମ ହୋଇଥିଲା। ଠାକୁରମାନେ ସ୍ଥାନୀୟ ଜଳାଶୟରେ ମଧ୍ୟାହ୍ନ ସ୍ନାନ ସମାପନ କରିବା ପରେ ନୂଆସାହି, ତଅଁଳା ସାହି, ଓସ୍ତନାରାୟଣୀପୁର, ନିଜିଗଡ଼ ଓ ଦୋଳବେଦୀ ସାହି ଆଦି ପରିକ୍ରମା କରିଥିଲେ। ସମଗ୍ର ଅଞ୍ଚଳ ଘଣ୍ଟଘଣ୍ଟି, ହୁଳହୁଳି, ତୁରୀ ଓ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ପ୍ରତ୍ୟେକ ଘର ସମ୍ମୁଖରେ ଶ୍ରଦ୍ଧାଳୁମାନେ କଳସ ସ୍ଥାପନ କରି ଠାକୁରଙ୍କୁ ସ୍ୱାଗତ କରିଥିଲେ। ଗ୍ରାମଗୁଡ଼ିକୁ ସୁନ୍ଦର ତୋରଣ ଓ ଫୁଲରେ ସଜାଯାଇଥିବା ବେଳେ ହଜାର ହଜାର ଭକ୍ତ ଓ ପାଟଦଣ୍ଡୁଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଭବ୍ୟ କାର୍ଯ୍ୟକ୍ରମକୁ ଉତ୍ସବ କମିଟିର କର୍ମକର୍ତ୍ତା, ଗ୍ରାମର ଜନପ୍ରତିନିଧି ଏବଂ ଯୁବଗୋଷ୍ଠୀ ସଫଳତାର ସହ ପରିଚାଳନା କରିଥିଲେ।

## ବାର୍ଷିକ ଉତ୍ସବ 'ମୁକ୍ତା-୨୦୨୬' ପାଳିତ



ନିଆଳି, ୧୦।୪(ସମିସ): ନିଆଳି ବ୍ଲକ କପାସୀ ପଞ୍ଚାୟତସ୍ଥିତ ପୋଦନା ଗୁରୁକୃପା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମୁକ୍ତା-୨୦୨୬ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ପ୍ରକାଶଚନ୍ଦ୍ର ନାୟକ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେପିର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ମୁଖ୍ୟ ବକ୍ତାଭାବେ ଆଇନଜୀବୀ ତଥା ନିଆଳି ବାର୍ ଆସୋସିଏସନ୍‌ର ସଭାପତି ଉମେଶଚନ୍ଦ୍ର ମଲ୍ଲିକ ଓ ସମ୍ମାନୀତ ଅତିଥିଭାବେ ଆରକେଆଇଇଟି ଅଧ୍ୟକ୍ଷ ଡ. ଶରତଚନ୍ଦ୍ର ମଲ୍ଲିକ, କପାସୀ ସରପଞ୍ଚ ଇଂ ସୌମ୍ୟରଞ୍ଜନ ନାୟକ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଲେଙ୍କା, ବିଦ୍ୟାଳୟର ସଭାପତି ଗୌତମ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ କର୍ମକର୍ତ୍ତା ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ। ଶିଶୁ ବିଦ୍ୟାମନ୍ଦିରର ସହ ସମ୍ପାଦକ ମନୋଜ ସେନାପତି ଧନ୍ୟବାଦ ଦେଇଥିଲେ।

## ଅଁଳେଇ ନାଟ୍ୟ କଳା ପରିଷଦର ବାର୍ଷିକ ଉତ୍ସବ



ଟାଙ୍ଗୀ, ୧୦।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡ଼ା ଗ୍ରାମର ମା' ଅଁଳେଇ ନାଟ୍ୟ କଳା ପରିଷଦର ୧୦୧ତମ ତିନିଦିନିଆ ବାର୍ଷିକ ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥିଭାବେ ଅମୂଲ୍ୟ ବେଉରା, ଗୋବିନ୍ଦ ଚନ୍ଦ୍ର ଦାସ, ଗଗନ ବିହାରୀ ମହାନ୍ତି, ହୃଷିକେଶ ବେହେରା, ଧରଣୀଧର ତରାଇ ଓ ବାମନ ବେହେରା ଅନୁଷ୍ଠାନର ବିକାଶ ଉପରେ ଆଲୋକପାତ କରିବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଯାତ୍ରା ସାଇ ସମ୍ରାଟ ଅପେରା ଦ୍ୱାରା ତିନିଦିନ ଧରି ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ସାଲେପୁର କଲେଜରେ ରକ୍ତଦାନ ଶିବିର

● ୭୦ ୟୁନିଟ୍ ସଂଗ୍ରହ




ସାଲେପୁର, ୧୦।୪(ସମିସ): ସାଲେପୁର କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓ କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର କଟକ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ସିସି ବାଳକ ବିଭାଗ ଅଧିକାରୀ ଲେଫ୍‌ନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ, ବାଳିକା ବିଭାଗର ଅଧିକାରୀ ଲେଫ୍‌ନାଣ୍ଟ ସ୍ୱାତି ତନୟା ଆଚାର୍ଯ୍ୟ, ୱାଇଆରସି +୩ ଅଧିକାରୀ କମଳା ଦାଶ, ଶୁଭଜିତ୍ ନାୟକ, +୨ ଅଧିକାରୀ ରଚନା ପ୍ରଧାନ, ରଶ୍ମିରଞ୍ଜନ ଆଇଚ, ଏନ୍‌ଏସ୍‌ଏସ୍ +୩ ବିଭାଗ ଅଧିକାରୀ ଡଃ ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, +୨ ବିଭାଗ ଅଧିକାରୀ ଡଃ ହୃଷିକେଶ ମହାରଣା, ରେଞ୍ଜର ଓ ରୋଭର ଅଧିକାରୀ ଅଶୋକ ନାୟକ, ସ୍ୱାତିମୁକ୍ତା ଷଡ଼ଙ୍ଗୀଙ୍କ ସମେତ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବମୋଟ୍ ୭୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ତିଗିରିଆ, ୧୦।୪(ସମିସ): ତିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଞ୍ଚଗାଁସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ତପସ୍ୱିନୀ ଦାସଙ୍କ ପୌରୋହିତ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଆଇନଜୀବୀ ରଘୁନାଥ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ ଡ. ମନୋରଞ୍ଜନ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ତଥା ପାଞ୍ଚଗାଁ ଗ୍ରାମ୍ୟ କମିଟିର ସଭାପତି ସଞ୍ଜୟ କୁମାର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସରୋଜ ଦାଶ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ଦଳେଇ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସମ୍ପାଦକ ଶ୍ରୀ ଦାଶ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃତିପ୍ରିୟା ପଟ୍ଟନାୟକ, ନିଳେନ୍ଦ୍ରୀ ଚୌଧୁରୀ, ସ୍ୱାଗତିକା ଦାସ, ଲିଜା ସାହୁ, ସୌଦାମିନୀ ରାଉତ, କର୍ମଚାରୀ ଟୁନି ବେହେରା, ଅଭିଭାବକ, ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

## ଶ୍ରୀଅଚ୍ୟୁତ ଶ୍ରୀରାମ ଲୀଳା ଓ ରାବଣ ବଧ ଉତ୍ସବ ଉଦ୍‌ଯାପିତ



ନେମାଳ, ୧୦।୪(ସମିସ): ନେମାଳ ପଦ୍ମବନ ପୀଠ ସନ୍ନିକଟରେ ଶ୍ରୀ ଅଚ୍ୟୁତ ଶ୍ରୀରାମ ଲୀଳା ପରିଷଦ ପକ୍ଷରୁ ଆୟୋଜିତ ୧୧ଦିନିଆ ରାମଲୀଳା ମହୋତ୍ସବ ଗୁରୁବାର ରାବଣ ବଧ ଓ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ସହ ଅତ୍ୟନ୍ତ ଧୁମଧାମରେ ଉଦଯାପିତ ହୋଇଯାଇଛି। ରାମନବମୀ ତିଥିରୁ ବହି ପୂଜା ସହ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ନାଟକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ସିହରଣ ସୃଷ୍ଟି କରିଥିଲା। ମହୋତ୍ସବ ଅବସରରେ ଭଗବାନ ଶ୍ରୀରାମଙ୍କ ଜନ୍ମ, ସୀତା ବିବାହ, ବନବାସ, ସେତୁବନ୍ଧ ପ୍ରତିଷ୍ଠା ଏବଂ ମହିରାବଣ, ଇନ୍ଦ୍ରଜିତ ଓ ବାଳି ବଧ ଆଦି ପ୍ରସଙ୍ଗ ପାରମ୍ପରିକ ବାଦ୍ୟ ଓ ନୀତିକାନ୍ତି ଅନୁଯାୟୀ ମଞ୍ଚସ୍ଥ ହୋଇଥିଲା। ଶେଷ ଦିନରେ ଅଧର୍ମର ପ୍ରତୀକ ରାବଣର ବଧ ଦୃଶ୍ୟ ପରିବେଷଣ କରାଯାଇ ସତ୍ୟ ଓ ଧର୍ମର ଜୟଗାନ କରାଯାଇଥିଲା। ଏହାପରେ ପ୍ରଭୁଙ୍କ ମର୍ଯ୍ୟାଦାଜନକ ରାଜ୍ୟାଭିଷେକ ଅଭିନୟରେ ସମଗ୍ର ନେମାଳ ପୀଠ ଭକ୍ତିମୟ ହୋଇଉଠିଥିଲା। ଭଜନ, କୀର୍ତ୍ତନ ଓ ପାଲାର ସ୍ୱରରେ ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ ହଜାର ହଜାର ରାମପ୍ରେମୀ ଭକ୍ତଙ୍କ ସମାଗମ ହୋଇଥିଲା। ଉଦଯାପନୀ ଉତ୍ସବରେ ନେମାଳ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଲିଙ୍ଗରାଜ ପ୍ରଭୁଙ୍କ ସେବାୟତ ସୁକାନ୍ତ ଗରାବଡୁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଭଗବାନ ମିଶ୍ର ପୂଜା ବିଧି ସମ୍ପାଦନ କରିଥିଲେ। ଉତ୍ସବକୁ ସୁକଦେବ ସିଂ, ଇନ୍ଦ୍ରମଣି ବାରିକ, ବିଭୂତି ପୂଜାରୀ, ମହେନ୍ଦ୍ର ନନ୍ଦୀ, ପଣ୍ଡିତ ଓମ ପ୍ରକାଶ ମିଶ୍ର ଏବଂ ପରିଷଦର ସମସ୍ତ ସଦସ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ।

## ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ପ୍ରସ୍ତୁତି ବୈଠକ

ସାଲେପୁର, ୧୦।୪(ସମିସ)

**ହାଇସ୍କୁଲ ପଡ଼ିଆରେ ୪ ଦିନ ବ୍ୟାପୀ କାର୍ଯ୍ୟକ୍ରମ**




ଚଳିତ ବର୍ଷ ରାଜ୍ୟସ୍ତରୀୟ ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସାଲେପୁର ମଧୁ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ଶତାଧିକ କାର୍ଯ୍ୟକର୍ତ୍ତା ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଚଳିତ ମାସ ଏପ୍ରିଲ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ସାଲେପୁର ହାଇସ୍କୁଲ ପଡ଼ିଆରେ ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ଓ ସାଲେପୁର ମହୋତ୍ସବ କରାଯିବ ବୋଲି ସ୍ଥିର କରାଯାଇଥିଲା। ଶ୍ରୀ ବେହେରା ଏହି କମିଟି ବୈଠକରେ ଯୋଗଦେଇ କହିଲେ ଯେ ମଧୁବାବୁଙ୍କୁ ନେଇ ଶସ୍ତା ରାଜନୀତି ନହେଉ। ୨୦୦୫ରେ ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ସାଲେପୁରରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ୨୧ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାବେଳେ ଏହି ଉତ୍ସବ ପାଳନ କରିବା ପାଇଁ ଯେତେ ବାଧା ବିଘ୍ନ ଆସୁନା କାହିଁକି, ତାକୁ ସାମ୍ନା କରି ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ ଉପସ୍ଥିତ କମିଟିର ସମସ୍ତ ସଭ୍ୟମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ମଧୁବାବୁ ଜୟନ୍ତୀ କମିଟିର ଉପଦେଷ୍ଟା ଆଡ୍‌ଭୋକେଟ୍ ପ୍ରବୀଣ କାନୁନଗୋ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, କମିଟିର ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ଅଶ୍ୱିନୀ ଦାସ, କମର୍ସ ପଏଣ୍ଟର ଅଧ୍ୟକ୍ଷ ମନୋଜ ବେହୁରା, ପୂର୍ବତନ ସରପଞ୍ଚ ପୂର୍ଣ୍ଣିମା ବସ୍ତିଆ, ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ରାଉତ, ପୂର୍ବତନ ସରପଞ୍ଚ ଗଣେଶ୍ୱର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମଧୁବାବୁଙ୍କ ଜନ୍ମମାଟିରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଉଥିବାରୁ ତାହା ଆମ ପାଇଁ ସମ୍ମାନର ବିଷୟ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଓ ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମଧୁପ୍ରେମୀ ଯୋଗଦେଇଥିବାବେଳେ ମଧୁସୂଦନ ଜୟନ୍ତୀ କମିଟିର ଅନ୍ୟତମ କର୍ମକର୍ତ୍ତା ଗୋପବନ୍ଧୁ ଭୂୟାଁ ଧନ୍ୟବାଦ ଦେଇଥିଲେ।

